**No. of Printed Pages : 80**

**No. of Questions : 150**

**SET – A**

**TIME : 2 HRS 30 MINUTES**

# OTET 2013

**FULL MARKS : 150**

## PAPER - II

**Roll No.** [ ][ ][ ][ ][ ][ ][ ]

## ନିର୍ଦ୍ଦେଶାବଳୀ

୧. ଉକ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହ ପଢ଼ ।

୨. ପରୀକ୍ଷାର୍ଥୀଙ୍କର ପ୍ରାର୍ଥିତ୍ୱ ସାମୟିକ (ଅସ୍ଥାୟୀ) । ଯଦି କୌଣସି ପରୀକ୍ଷାର୍ଥୀ ଫର୍ମ ପୂରଣ କରିବା ସମୟରେ ଦେଇଥିବା ତଥ୍ୟ ଭୁଲ, ମିଥ୍ୟା କିମ୍ବା ଅସମ୍ପୂର୍ଣ୍ଣ ପ୍ରମାଣିତ ହୁଏ, ତେବେ ପ୍ରାର୍ଥୀତ୍ୱ ନାକଚ ହୋଇଯିବ ।

୩. ପରୀକ୍ଷା ଦେବା ପାଇଁ ପ୍ରବେଶ ପତ୍ର ଓ ପ୍ରାପ୍ତିସ୍ୱୀକାର ପତ୍ର ସଂଗରେ ଆଣନ୍ତୁ । ପରୀକ୍ଷା ଗୃହରେ ଆବଶ୍ୟକ ସ୍ଥଳେ ଏହାକୁ ଉପସ୍ଥାପନ କରନ୍ତୁ ।

୪. ଉପସ୍ଥାନ ଫର୍ଦ୍ଦରେ ନିରୀକ୍ଷକଙ୍କ ଉପସ୍ଥିତିରେ ନିଜର ପୂର୍ଣ୍ଣ ଦସ୍ତଖତ କରନ୍ତୁ ।

୫. **ଓ. ଏମ୍. ଆର୍. ଫର୍ଦ୍ଦରେ ଥିବା ବୃତ୍ତକୁ କଳା କିମ୍ବା ନୀଳରଙ୍ଗର ବଲ ପଏଣ୍ଟ କଲମରେ ସମ୍ପୂର୍ଣ୍ଣ ରୂପେ କଳା / ନୀଳ କରନ୍ତୁ ।**

୬. ନିଜର **ରୋଲ୍ ନମ୍ବର** ନିର୍ଦ୍ଧାରିତ କୋଠରୀରେ ଠିକ୍‌ଭାବେ ଲେଖନ୍ତୁ ।

୭. ଏହି ପ୍ରଶ୍ନପତ୍ର ପୁସ୍ତିକାଟି ନିର୍ଦ୍ଦେଶ ନପାଇବା ପୂର୍ବରୁ ଖୋଲନ୍ତୁ ନାହିଁ ।

୮. କେବଳ **କଲମ ଓ ପେନ୍‌ସିଲ** ବ୍ୟତୀତ ଅନ୍ୟ କୌଣସି ଜିନିଷ ପରୀକ୍ଷା ଗୃହ ଭିତରକୁ ନିଅନ୍ତୁ ନାହିଁ ।

୯. ଇଲୋକ୍ଟ୍ରୋନିକ୍ ଯନ୍ତ୍ରାଦି ଯଥା - କାଲ୍‌କୁଲେଟର, ସ୍ଲାଇଡ୍‌ରୁଲର, ମୋବାଇଲ ଫୋନ୍, ଲଗ୍ ଟେବୁଲ, କ୍ୟାମେରା ଇତ୍ୟାଦି ପରୀକ୍ଷା ଗୃହକୁ ନେବା ନିଷିଦ୍ଧ ।

୧୦. ଏହି ପୁସ୍ତିକାରେ ଲିଖିତ ପୃଷ୍ଠା ସଂଖ୍ୟା ଏବଂ ପ୍ରଶ୍ନସଂଖ୍ୟା ଭଲ ଭାବରେ ଯାଞ୍ଚ କରିନିଅନ୍ତୁ । ଯଦି କିଛି ତ୍ରୁଟି ଥାଏ ତେବେ **ପାଞ୍ଚ ମିନିଟ୍** ଭିତରେ ଏହା ବଦଳରେ ଅନ୍ୟ ଏକ ପୁସ୍ତିକା ନିରୀକ୍ଷକଙ୍କଠାରୁ ମାଗି ନିଅନ୍ତୁ । ପାଞ୍ଚ ମିନିଟ୍ ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ ।

୧୧. କୌଣସି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଶେଷ ହେବା ପୂର୍ବରୁ ପରୀକ୍ଷା ଗୃହ ଛାଡ଼ି ଯିବାକୁ ଅନୁମତି ଦିଆଯିବନାହିଁ ।

୧୨. ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ୍, ୧୯୮୮ ଅନୁସାରେ ପରୀକ୍ଷା ଗୃହରେ ଶୃଙ୍ଖଳା ରଖିବାକୁ ହେବ ।

୧୩. ପରୀକ୍ଷା ନିୟମ ଭଙ୍ଗ କଲେ, **ପ୍ରାର୍ଥୀତ୍ୱ ନାକଚ କରିଦିଆଯିବ** ।

୧୪. ପରୀକ୍ଷାର ଶେଷ ୨୦ ମିନିଟ୍ ମଧ୍ୟରେ ପରୀକ୍ଷାର୍ଥୀମାନେ ଶୌଚାଳୟକୁ ଯାଇପାରିବେନାହିଁ ।

## INSTRUCTIONS

1. Read the instructions carefully.
2. The admission to the examination is provisional. In the event of any information furnished by the candidate found false / in-correct / incomplete or illegible detected at any stage, the candidature shall be rejected.
3. Please bring the admit card and the acknowledgement card for admission to the examination and produce the same as and when required.
4. Please put your full signature in the descriptive roll-sheet in presence of the invigilator.
5. **Darken the circles in the OMR Sheets completely with Blue / Black ball point pen only.**
6. Write your **Roll No.** correctly in the space provided.
7. Do not open this Booklet until instructed.
8. Do not take any other materials to the examination hall other than **pen and pencil**.
9. Electronic devices such as calculators, Slide rulers, cell phones, log tables, camera etc. not to be taken to the examination hall.
10. Please check the No. of printed pages, Questions Serial No. and in case of any discrepancy, exchange the same within **five minutes** and thereafter no complaint shall be entertained.
11. No candidate shall be permitted to leave the examination hall until the examination is over.
12. Discipline must be maintained in the examination hall as per the Odisha conduct of Examination Act 1988.
13. The candidature **is liable for rejection** in the event of any infringement of the instructions mentioned above.
14. The candidates are not allowed to go to toilet during the last twenty minutes of the examination.

## ଶିଶୁ ବିକାଶ ଓ ଶିକ୍ଷା
## CHILD DEVELOPMENT AND PEDAGOGY

**ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି OMR ଫର୍ଦ୍ଦର ସଂପୃକ୍ତ ବୃତ୍ତଟିକୁ କଳା / ନୀଳ ବଲ୍ ପଏଣ୍ଟ କଲମ ଦ୍ଵାରା ସଂପୂର୍ଣ୍ଣ ଭାବେ କଳା କର ।**

**Each question has four possible / probable answers. Choose the correct answer from among them and darken the appropriate circle completely in the OMR Sheet with Blue / Black ball point pen.**

1. ଶିକ୍ଷା ମନୋବିଜ୍ଞାନ ଶାସ୍ତ୍ର ଅଧ୍ୟୟନ ଦ୍ଵାରା ଶିକ୍ଷକଙ୍କର କି ଲାଭ ହୁଏ ?

(A) ବିଷୟଗତ ଜ୍ଞାନର ଅଭିବୃଦ୍ଧି ଘଟେ (B) ସାମାଜିକ ପ୍ରତିଷ୍ଠା ଲାଭ କରନ୍ତି

(C) ବିଚାର ଓ ଚିନ୍ତନ ଶକ୍ତିର ବିକାଶ ଘଟେ (D) ଶିକ୍ଷାର୍ଥୀଙ୍କୁ ବୁଝିବା ଶକ୍ତିର ବିକାଶ ଘଟେ

How is the teacher benefitted by the study of Educational Psychology ?

(A) Increases his content knowledge

(B) Gets social status

(C) Develops judgement and thinking power

(D) Develops the power to understand the educand

2. ବସ୍ତୁନିଷ୍ଠ ପ୍ରଶ୍ନ କାହାକୁ କୁହାଯାଏ ?

(A) ଯେଉଁ ପ୍ରଶ୍ନ ଏକ ନିର୍ଦ୍ଦିଷ୍ଟ ଶିକ୍ଷଣ ଉଦ୍ଦେଶ୍ୟ ମାପ କରେ

(B) ଯେଉଁ ପ୍ରଶ୍ନ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ମାପ କରେ

(C) ଯେଉଁ ପ୍ରଶ୍ନର ମାତ୍ର ଗୋଟିଏ ନିର୍ଦ୍ଦିଷ୍ଟ ଉତ୍ତର ଥାଏ

(D) ଯେଉଁ ପ୍ରଶ୍ନ ଏକାଧିକ ଶିକ୍ଷଣ ଉଦ୍ଦେଶ୍ୟ ମାପ କରେ

What is called an objective type of question ?

(A) Question which measures a specific objective of learning

(B) Question which measures specific topic

(C) Question which has only one specific answer

(D) Question which measures more than one objectives of learning

3. ଶ୍ରେଣୀ ପ୍ରମୋଶନ ନିମନ୍ତେ ମୁଖ୍ୟତଃ କେଉଁ ପରୀକ୍ଷଣ ବ୍ୟବହାର କରାଯାଇଥାଏ ?

(A) କୃତୀ ପରୀକ୍ଷଣ (B) ଅଭିଯୋଗ୍ୟତା ପରୀକ୍ଷଣ

(C) ବ୍ୟାବହାରିକ ପରୀକ୍ଷଣ (D) ବାଚିକ ପରୀକ୍ଷଣ

Which test is mainly used for class promotion ?

(A) Achievement test (B) Aptitude test

(C) Application test (D) Oral test

4. କିଏ ଶିକ୍ଷଣ ଉଦ୍ଦେଶ୍ୟର ବର୍ଗୀକରଣ କରିଥିଲେ ?

(A) ବ୍ଲୁମ୍ (B) ଗିଲ୍‌ଫୋର୍ଡ

(C) ଗାଲ୍‌ଟନ (D) ପିଆଜେ

Who classified instructional objectives ?

(A) Bloom (B) Guilford

(C) Galton (D) Piaget

5. ଜଣେ ଶିକ୍ଷକ ଦଶଟି ଗଣିତ ପ୍ରଶ୍ନ ପ୍ରସ୍ତୁତ କରି ଗୋଟିଏ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ଉପରେ ଭିନ୍ନ ଭିନ୍ନ ସମୟରେ ପରୀକ୍ଷା କରିଦେଖିଲେ ଯେ, ପ୍ରତ୍ୟେକଙ୍କର ନମ୍ବରର ପ୍ରାୟ ସ୍ଥିରତା ରହୁଛି । ଏହା ପ୍ରଶ୍ନ ପ୍ରସ୍ତୁତିର କେଉଁ ବୈଶିଷ୍ଟ୍ୟକୁ ସୂଚାଉଛି ?

(A) ବୈଧତା (B) ବିଶ୍ୱସନୀୟତା

(C) ବ୍ୟବହାର ଉପଯୋଗିତା (D) ବସ୍ତୁନିଷ୍ଠତା

A teacher conducted a mathematics test with ten items and applied it on the pupils of the same class at different times and found that marks scroed by each pupil remain almost constant. What does this indicate about the characteristic of the test ?

(A) Validity (B) Reliability

(C) Usability (D) Objectivity

6. ମାଷ୍ଟରି ଶିକ୍ଷଣ ବ୍ୟବସ୍ଥାରେ ନିମ୍ନୋକ୍ତ କେଉଁଟିକୁ ନିୟନ୍ତ୍ରଣ କରାଯାଇଥାଏ ?

(A) ଶିକ୍ଷାଦାନ ସମୟ (B) ଶିକ୍ଷାଦାନ ବିଷୟ

(C) ନ୍ୟୁନତମ ଶିକ୍ଷଣ ସ୍ତର (D) ଶିକ୍ଷଣ ଉଦ୍ଦେଶ୍ୟ

Which of the following is regulated in mastery learning ?

(A) Teaching time (B) Teaching content

(C) Minimum level of learning (D) Objectives of learning

7. ଶିକ୍ଷାଦାନ ସମୟରେ କରାଯାଉଥିବା ପରୀକ୍ଷା କେଉଁ ପ୍ରକାର ମୂଲ୍ୟାୟନ ?

(A) ଗଠନାତ୍ମକ (B) ସମାପ୍ତିସୂଚକ

(C) ବ୍ୟବସ୍ଥାନ (D) ନୈଦାନିକ

The test conducted at the time of teaching belongs to what type of evaluation ?

(A) Formative (B) Summative

(C) Placement (D) Diagnostic

8. ଜଣେ ଶିଶୁର ବୁଦ୍ଧ୍ୟାଙ୍କ 100 ଓ ମାନସିକ ବୟସ 6 ବର୍ଷ ହେଲେ ଶିଶୁଟିକୁ କେଉଁ ଶ୍ରେଣୀରେ ନାମ ଲେଖାଇବା ଠିକ୍ ହେବ ?

(A) ପ୍ରାକ୍ ପ୍ରାଥମିକ (B) ଶିଶୁ ବିକାଶ କେନ୍ଦ୍ର

(C) ପ୍ରଥମ ଶ୍ରେଣୀ (D) ଦ୍ୱିତୀୟ ଶ୍ରେଣୀ

The I. Q. of a child is 100 and his mental age is 6 years. To which class should the child be admitted ?

(A) Pre-primary (B) Child-care centre

(C) Class-one (D) Class-two

9. ଗୋଟିଏ ଉଦ୍ଦୀପକ ପ୍ରତି ଜଣେ ବ୍ୟକ୍ତି ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ କଲା । ଏହା ନିମ୍ନୋକ୍ତ କେଉଁଟିକୁ ସୂଚାଉଛି ?

(A) ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ତାରତମ୍ୟ (B) ଉଦ୍ଦୀପକ-ସମୟର ତାରତମ୍ୟ

(C) ବ୍ୟକ୍ତିଗତ ତାରତମ୍ୟ (D) ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ

An individual responded to a particualr stimulus differently at different times. To which of the following does it indicate ?

(A) Inter-individual difference (B) Time-stimulus difference

(C) Intra-personal difference (D) None of the above

10. ଗୋଟିଏ ପ୍ରଶ୍ନକୁ ଯେଉଁ ଶୈକ୍ଷିକ ଉଦ୍ଦେଶ୍ୟ ମାପ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଥାଏ, ଯଦି ତାହା ସେହି ଉଦ୍ଦେଶ୍ୟ ମାପ କରିଥାଏ, ତେବେ ତାହା ପ୍ରଶ୍ନର କେଉଁ ଗୁଣକୁ ସୂଚାଇଥାଏ ?

(A) ନିର୍ଭରଯୋଗ୍ୟତା (B) ବସ୍ତୁନିଷ୍ଠତା

(C) ବୈଧତା (D) ବ୍ୟବହାର ଉପଯୋଗିତା

If a question measures the same objective of learning for which it is constructed, then it indicates which characteristic of the test ?

(A) Reliability (B) Objectivity

(C) Validity (D) Usability

11. ବୃଦ୍ଧି ଓ ବିକାଶର କେଉଁ ଅବସ୍ଥାକୁ ଚାପ ଓ ତାଡ଼ନା ଅବସ୍ଥା (period of stress and strain) କୁହାଯାଏ ?

(A) ବାଲ୍ୟାବସ୍ଥା (B) ପ୍ରାନ୍ତ ବାଲ୍ୟାବସ୍ଥା

(C) କୈଶୋରାବସ୍ଥା (D) ପୌଢ଼ାବସ୍ଥା

What stage of growth and development is called as the 'period of stress and strain' ?

(A) Childhood (B) Late-childhood

(C) Adolescence (D) Adulthood

12. ଶିଶୁର ବୌଦ୍ଧିକ ବିକାଶ ମୁଖ୍ୟତଃ ଚାରୋଟି ପର୍ଯ୍ୟାୟ ଦେଇ ସଂଗଠିତ ହୋଇଥାଏ - ଏହା ଉପରେ କିଏ ପରୀକ୍ଷା କରିଥିଲେ ?

(A) ସ୍କିନର୍ (B) ପିଆଜେ

(C) କୋହଲ୍‌ବର୍ଗ (D) ରିକ୍‌ସନ

The intellectual development of a child takes place mainly in four stages — who propounded this theory ?

(A) Skinner (B) Piaget

(C) Kohlberg (D) Rickson

13. ଜଣେ ଆଦର୍ଶ ଶିକ୍ଷକ ନିମ୍ନୋକ୍ତ କେଉଁଟି ଉପରେ ଗୁରୁତ୍ୱ ଦେବା ଉଚିତ ?

(A) ଉଦ୍ଦେଶ୍ୟ-ଭିତ୍ତିକ ଶିକ୍ଷାଦାନ (B) କାର୍ଯ୍ୟ-ଭିତ୍ତିକ ଶିକ୍ଷାଦାନ

(C) ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷାଦାନ (D) ଉପରୋକ୍ତ ସମସ୍ତ

Which of the following should an ideal teacher emphasize ?

(A) Objective-based teaching (B) Activity-based teaching

(C) Pupil-centred teaching (D) All of the above

14. ମାନକୀକୃତ-ପରୀକ୍ଷଣ ପ୍ରଶ୍ନ ପ୍ରସ୍ତୁତି ନିମନ୍ତେ କେଉଁ କ୍ରମଟି ଠିକ୍ ?

(A) ବିଷୟ ଚୟନ – ଶିକ୍ଷଣ ଉଦ୍ଦେଶ୍ୟ ସ୍ଥିର କରିବା – ପ୍ରଶ୍ନ ନକ୍‌ସା ପ୍ରସ୍ତୁତି – ପ୍ରଶ୍ନର ଗଠନ

(B) ବିଷୟ ଚୟନ – ପ୍ରଶ୍ନ ନକ୍‌ସା ପ୍ରସ୍ତୁତି – ଶିକ୍ଷଣ ଉଦ୍ଦେଶ୍ୟ ସ୍ଥିର କରିବା – ପ୍ରଶ୍ନ ପ୍ରସ୍ତୁତି

(C) ପ୍ରଶ୍ନ ନକ୍‌ସା ପ୍ରସ୍ତୁତି – ଶିକ୍ଷଣ ଉଦ୍ଦେଶ୍ୟ ସ୍ଥିର କରିବା – ବିଷୟ ଚୟନ – ପ୍ରଶ୍ନ ପ୍ରସ୍ତୁତି

(D) ଶିକ୍ଷଣ ଉଦ୍ଦେଶ୍ୟ ସ୍ଥିର କରିବା – ପ୍ରଶ୍ନ ନକ୍‌ସା ପ୍ରସ୍ତୁତି – ପ୍ରଶ୍ନ ଗଠନ – ପ୍ରଶ୍ନ ବିଶ୍ଳେଷଣ

Which order is correct in the preparation of a standardised test ?

(A) Selection of topic – Identification of objectives – Blue print preparation – Writing the questions

(B) Selection of topic – Blue print preparation – Identification of objectives – Writing the questions

(C) Preparation of Blue print – Identification of objectives – Selection of topic – Writing the questions

(D) Identification of objectives – Blue print preparation – Writing the questions – Analysis of questions

15. ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କର ସମୟାନୁବର୍ତ୍ତିତା ଅନୁଧ୍ୟାନ ନିମନ୍ତେ କେଉଁଟି ମୁଖ୍ୟତଃ ବ୍ୟବହାର କରାଯାଇଥାଏ ?

(A) ଚେକ୍ ଲିଷ୍ଟ (B) ସାକ୍ଷାତାକାର

(C) ରେଟିଙ୍ଗ ସ୍କେଲ (D) ପ୍ରଶ୍ନଗୁଚ୍ଛ

Which of the followings is mainly used to study the punctuality of the pupils at the primary schools ?

(A) Check-list (B) Interview

(C) Rating scale (D) Questionnaire

16. ବ୍ୟକ୍ତି-ଅଧ୍ୟୟନ ପାଇଁ ନିମ୍ନୋକ୍ତ କେଉଁ ତଥ୍ୟ ସଂଗ୍ରହ କରାଯାଏ ?

(A) ସାଙ୍ଗସାଥୀଙ୍କ ସହ ସଂପର୍କ (B) ପଡ଼ୋଶୀଙ୍କ ସହ ସଂପର୍କ

(C) ସହପାଠୀଙ୍କ ସହ ସଂପର୍କ (D) ଉପରୋକ୍ତ ସମସ୍ତ

Which of the following data is collected for individual case-study ?

(A) Relation with friends (B) Relation with neighbours

(C) Relation with classmates (D) All of the above

17. ଶିକ୍ଷଣ କେଉଁ ପ୍ରକ୍ରିୟାକୁ ବୁଝାଏ ?

(A) ଆଚରଣଗତ ପରିବର୍ତ୍ତନ ପ୍ରକ୍ରିୟା (B) ଗୁଣାତ୍ମକ ବିକାଶ ପ୍ରକ୍ରିୟା

(C) ଅଭ୍ୟାସ ମୂଳକ ପ୍ରକ୍ରିୟା (D) ଉପରୋକ୍ତ ସମସ୍ତ

Which of the following Process indicates learning ?

(A) Process of behavioural changes (B) Process of qualitative development

(C) Process of practice (D) All of the above

18. ଶିକ୍ଷଣ କ୍ଷେତ୍ରରେ ଅଭିପ୍ରେରଣାର କାର୍ଯ୍ୟ କ'ଣ ?

(A) ଆଚରଣକୁ ଲକ୍ଷ୍ୟାଭିମୁଖୀ କରିବା (B) ଆଚରଣକୁ ଶୃଙ୍ଖଳିତ କରିବା

(C) ଆଚରଣକୁ ସକ୍ରିୟ କରିବା (D) ଉପରୋକ୍ତ ସମସ୍ତ

What is the role of motivation in learning ?

(A) It makes the behaviour goal directed (B) It makes the behaviour systematic

(C) It activates the learners behaviour (D) All of the above

19. ଜଣେ ଶିକ୍ଷକ କାଗଜର ବ୍ୟବହାର କ'ଣ ବୋଲି ପିଲାମାନଙ୍କୁ ପଚାରିଲେ । ଜଣେ ଛାତ୍ର ୧୦ ରୁ ୧୫ଟି ପ୍ରୟୋଗାତ୍ମକ ବ୍ୟବହାରର ଉଦାହରଣ ଦେଲା । ଏହା ଛାତ୍ରର କି ପ୍ରକାର ଚିନ୍ତନ ପ୍ରକ୍ରିୟା ?

(A) କେନ୍ଦ୍ରାପସାରୀ (B) କେନ୍ଦ୍ରାଭିମୁଖୀ

(C) ନିୟନ୍ତ୍ରିତ (D) କାଳ୍ପନିକ

A teacher asked the students about the uses of paper. A child gave 10 to 15 examples of the practical use of paper. This indicates what type of thought process ?

(A) Divergent (B) Convergent

(C) Controlled (D) Imaginary

20. ନିମ୍ନସ୍ଥ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ବିକାଶ ପାଇଁ ପ୍ରଯୁଜ୍ୟ ନୁହେଁ ?

(A) ବିକାଶ ଏକ ଜୀବନବ୍ୟାପି ପ୍ରକ୍ରିୟା (B) ଶାରୀରିକ ପରିପକ୍ୱତା ହିଁ ବିକାଶ

(C) ବିକାଶ ଗୁଣାତ୍ମକ ତଥା ପରିମାଣାତ୍ମକ ଅଟେ (D) ବିକାଶ ବ୍ୟକ୍ତି-କୈନ୍ଦ୍ରିକ ଅଟେ

Which one of the following statement is not applicable for development ?

(A) Development is a life long process

(B) Physical maturity is development

(C) Development is qualitative as well as quantitative

(D) Development is individual centred

21. ଅନଗ୍ରସର ଶିକ୍ଷାର୍ଥୀମାନଙ୍କ ଶିକ୍ଷା ନିମନ୍ତେ କି ପଦକ୍ଷେପ ନିଆଯିବା ଉଚିତ ?

(A) ସ୍ୱତନ୍ତ୍ର ଶ୍ରେଣୀଗୃହ (B) ସ୍ୱତନ୍ତ୍ର ପାଠ୍ୟକ୍ରମ

(C) ସ୍ୱତନ୍ତ୍ର ଶିକ୍ଷାଦାନ ପଦ୍ଧତି (D) ଉପରୋକ୍ତ ସମସ୍ତ

What step should be taken for education of under achievers ?

(A) Separate class-room (B) Separate curriculum

(C) Special teaching method (D) All of the above

22. “Hit the Iron when it is hot” — ଏହା କେଉଁ ଶିକ୍ଷଣ ନିୟମ ଉପରେ ଆଧାରିତ ?

(A) ପ୍ରସ୍ତୁତି ନିୟମ (B) ଅନୁଶୀଳନ ନିୟମ

(C) ଫଳାଫଳ (D) ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ

“Hit the Iron when it is hot” — on which law of learning is it based ?

(A) Law of Readiness (B) Law of Exercise

(C) Law of Effect (D) None of the above

23. ଶିକ୍ଷାଦାନ ପଦ୍ଧତି ଦୃଷ୍ଟିରୁ କେଉଁ କ୍ରମଟି ଠିକ୍ ?

(A) ପ୍ରସଙ୍ଗୀକରଣ — ବ୍ୟାଖ୍ୟାକରଣ — ପୂର୍ବଜ୍ଞାନ ପରୀକ୍ଷା — ମୂଲ୍ୟାୟନ

(B) ପ୍ରସଙ୍ଗୀକରଣ — ଉପସ୍ଥାପନା — ପୂର୍ବଜ୍ଞାନ ପରୀକ୍ଷା — ମୂଲ୍ୟାୟନ

(C) ପୂର୍ବଜ୍ଞାନ ପରୀକ୍ଷା — ପ୍ରସଙ୍ଗୀକରଣ — ନୂତନ ଜ୍ଞାନ ପ୍ରଦାନ — ମୂଲ୍ୟାୟନ

(D) ପ୍ରସଙ୍ଗୀକରଣ — ନୂତନ ଜ୍ଞାନ ପ୍ରଦାନ — ମୂଲ୍ୟାୟନ — ବ୍ୟାଖ୍ୟାକରଣ

Which sequence is correct from the point of view of teaching method ?

(A) Presentation of the topic — Explanation — Testing of previous knowledge — Evaluation

(B) Presentation of the topic — Introduction — Testing of previous knowledge — Evalution

(C) Testing of previous knowledge — Presentation of the topic — Presentation of new knowledge — Evaluation

(D) Presentation of the topic — Presentation of new knowledge — Evaluation — Explanation

24. ପ୍ରତିଭାବାନ ବିଦ୍ୟାର୍ଥୀମାନଙ୍କର ବୌଦ୍ଧିକ ବିକାଶ ନିମନ୍ତେ ଶିକ୍ଷକ କ'ଣ କରିବା ଉଚିତ ?

(A) ଜିଜ୍ଞାସାମୂଳକ ପ୍ରଶ୍ନ ପଚାରିବେ (B) କେନ୍ଦ୍ରାପସାରୀ ଚିନ୍ତନ ପାଇଁ ସୁଯୋଗ ଦେବେ

(C) ବିଶ୍ଲେଷଣାତ୍ମକ ଓ ପ୍ରୟୋଗାତ୍ମକ ପ୍ରଶ୍ନ ପଚାରିବେ (D) ଉପରୋକ୍ତ ସମସ୍ତ

What should a teacher do for the intellectual development of gifted pupils ?

(A) Ask inquisitive questions

(B) Opportunity for divergent thinking

(C) Ask analytical and application type of questions

(D) All of the above

25. ଗଠନାତ୍ମକ ମୂଲ୍ୟାୟନ ନିମନ୍ତେ କେଉଁଟିର ବ୍ୟବହାର କରାଯାଏ ନାହିଁ ?

(A) ଗୃହ କାର୍ଯ୍ୟ (B) ରେଟିଂ ସ୍କେଲ

(C) ପ୍ରଶ୍ନଗୁଚ୍ଛ (D) ଏକକ ପରୀକ୍ଷଣ

Which of the following is not used in formative evaluation ?

(A) Home work (B) Rating scale

(C) Questionnaire (D) Unit test

26. କାର୍ଯ୍ୟଭିତ୍ତିକ ଶିକ୍ଷାଦାନ ବ୍ୟବସ୍ଥାରେ ______

(A) ଶିକ୍ଷାର୍ଥୀ ସକ୍ରିୟ ରହନ୍ତି (B) ଶିକ୍ଷଣ ଆନନ୍ଦଦାୟକ ହୁଏ

(C) ଶିକ୍ଷଣ ଲକ୍ଷ୍ୟାଭିମୁଖୀ ହୁଏ (D) ଉପରୋକ୍ତ ସମସ୍ତ

In an activity based teaching ______

(A) learners remain active (B) learning becomes pleasant

(C) learning becomes purposeful (D) All of the above

27. ପ୍ରଥମେ କିଏ ବୁଦ୍ଧି ପରୀକ୍ଷା କରିବା ପାଇଁ ଦୁଇଟି ସମାନ୍ତର ପରୀକ୍ଷଣ ପ୍ରସ୍ତୁତ କରିଥିଲେ ?

(A) ବିନେ ଓ ସାଇମନ୍ (B) ବିନେ ଓ ଟରମାନ୍

(C) ଟରମାନ୍ ଓ ମେରିଲ୍ (D) ବିନେ ଓ ମେରିଲ୍

Who for the first time prepared two parallel tests for the measurement of intelligence ?

(A) Binet and Simon (B) Binet and Terman

(C) Terman and Merril (D) Binet and Merril

28. ନିମ୍ନଲିଖିତ ମଧ୍ୟରୁ କେଉଁଟି ଚିତ୍ରଣ (projected) ଛବି ନୁହେଁ ?

(A) ମାନଚିତ୍ର (B) ଚଳଚ୍ଚିତ୍ର

(C) ଫ୍ଲାନେଲ ପଟା (D) ସ୍ଥିର ଛବି

Which one of the following is not a projected aid ?

(A) Map (B) Film

(C) Flannel Board (D) Still picture

29. ନିମ୍ନୋକ୍ତ ଉକ୍ତିମାନଙ୍କ ମଧ୍ୟରୁ କେଉଁଟି ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷା ବ୍ୟବସ୍ଥା ପାଇଁ ପ୍ରଯୁଜ୍ୟ ନୁହେଁ ?

(A) ଶିକ୍ଷାର୍ଥୀର ଶିକ୍ଷଣ ଦକ୍ଷତା ହାସଲ ଉପରେ ଗୁରୁତ୍ୱ ଦିଆଯାଇଥାଏ

(B) ଶିକ୍ଷକ ଶିକ୍ଷଣ-ସହାୟକ ହିସାବରେ କାମ କରିଥା'ନ୍ତି

(C) ବିଦ୍ୟାଳୟରେ ଶିକ୍ଷାର୍ଥୀର ଉପସ୍ଥିତି ଉପରେ ଗୁରୁତ୍ୱ ଦିଆଯାଇଥାଏ

(D) ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥାଏ

Which one of the following statements is not applicable for child-centred education ?

(A) Importance is given on achieving learning skills by the pupils

(B) Teacher works as facilitator of learning

(C) Importance is given on the presence of the pupil in the class-room

(D) Importance is given on allround development of the pupil

30. କିଏ ତାଙ୍କ ଶିକ୍ଷଣ ତତ୍ତ୍ୱ ଉପସ୍ଥାପନ ପାଇଁ ଗୋଟିଏ ବିରାଡ଼ି ନେଇ ପରୀକ୍ଷା କରିଥିଲେ ?

(A) ପାଭ୍‌ଲଭ୍ (B) ଥର୍ଣ୍ଡାଇକ୍

(C) ସ୍କିନର୍ (D) କୋହଲର୍

Who experimented with a cat to establish his learning theory ?

(A) Pavlov (B) Thorndike

(C) Skinner (D) Kohler